# ବିଜୁବାବୁ ନିଶା ଛାଡିଲେ କିପରି ?

୧୭/୦୨/୧୯୯୪

ଆସନ୍ତା ଆର୍ଥିକ ବର୍ଷରୁ ଓଡିଶାରେ ଦେଶୀ ଓ ରନ୍ଧା ମଦର କାରବାର ନିଷିଦ୍ଧ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଗତ ଶୁକ୍ରବାର ଦିନ ବିଧାନସଭାରେ ଯେଉଁ ଘୋଷଣା କରିଛନ୍ତି, ତାହାକୁ ଅଭିନନ୍ଦନ କଲାବେଳେ ତିନୋଟି କାରଣରୁ ଟିକିଏ ଅଡୁଆ ଲାଗୁଛି ।

ସରକାରଙ୍କର ଏ ନିଷ୍ପତ୍ତି ଘୋଷଣା କରିବାକୁ ଯାଇ ବିଜୁବାବୁ ଯେଉଁ ଆଦର୍ଶ ଏବଂ ଯୁକ୍ତିର ଅବତାରଣା କରିଛନ୍ତି ତାହା ସହଜରେ ଗ୍ରହଣଯୋଗ୍ୟ ହେଉନାହିଁ । କଟକର ମଦମୃତ୍ୟୁ ବିଭୀଷିକା ପରଠାରୁ ମୁଖ୍ୟମନ୍ତ୍ରୀ କାଳେ ବଡ ଗମ୍ଭୀରତାର ସହିତ ଏ ବିଷୟରେ ଚିନ୍ତା କରି ଆସୁଥିଲେ ବୋଲି ସେ ନିଜେ କହିଛନ୍ତି । ଆଦିବାସୀ ଓ ଗରିବ ମା'ଭଉଣୀମାନଙ୍କର ମଙ୍ଗଳ ପାଇଁ ଏବଂ ସେମାନଙ୍କ ପ୍ରତିନିଧିମାନଙ୍କର ପରାମର୍ଶ ଅନୁସାରେ ଏହା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତେବେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀ କେବେ ଏ ନିଷ୍ପତ୍ତି ଗ୍ରହଣ କଲେ ? ଭୁଲିଗଲେ ଚଳିବ ନାହିଁ ଯେ ମଦମୃତ୍ୟୁର ବିଭୀଷିକା କଟକ ସହରରେ ପ୍ରାୟ ଦୁଇବର୍ଷ ତଳେ ଘଟିଥିଲା । ସେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଜନତା ଦଳର ମନ୍ତ୍ରୀ କିମ୍ବା ଏମ୍‌ପି କାହାର ବି ସେଠାକୁ ଯିବାପାଇଁ, ଏବଂ ବିଭୀଷିକାର ଖବର ନେଇ ଉଜୁଡି ଯାଇଥିବା ପରିବାରମାନଙ୍କର ସୁଖଦୁଃଖ ବୁଝିବା ଲାଗି ଆଦୌ ସମୟ ନ ଥିଲା । ଏ ବିପର୍ଯ୍ୟୟ ସମ୍ପର୍କରେ ଯେତେବେଳେ ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି ଉଠିଲା, ସେତେବେଳେ ବିଜୁବାବୁ ଏବଂ ତାଙ୍କର ମନ୍ତ୍ରିମଣ୍ଡଳର ପ୍ରଭାବଶାଳୀ ମନ୍ତ୍ରୀମାନେ ଏହାକୁ ହସି ଉଡାଇଦେଲେ । ବିଚରା ତିଲୁଭାଇ ଅନଶନକରି, ଜନତାଦଳର କେତେଜଣ ମନ୍ତ୍ରୀ ଓ ସେମାନଙ୍କ ସମର୍ଥକଙ୍କ ଦ୍ୱାରା ଉପହସିତ ଓ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଅପମାନିତ ହେଲେ । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ସରକାରଙ୍କର ଚୈତନ୍ୟ ଉଦୟ ହେଲା ନାହିଁ । ବରଂ ନିର୍ବାଚିତ ସରକାର ଏବଂ ନ୍ୟାୟାଳୟର ଅଧିକାର ସୀମା ନେଇ ନାନା ଅବାନ୍ତର ଓ ଅବାଞ୍ଛିତ ଯୁକ୍ତି ଉପସ୍ଥାପନା କରାଯାଇ ଦୁନିଆ ପାଲା ସୃଷ୍ଟି କରାଗଲା । କଥା ଯେତେବେଳେ ଯାଇ ଉଚ୍ଚତମ ନ୍ୟାୟାଳୟରେ ପହଞ୍ଚିଲା, ଭର୍ତ୍ସନା ଆଶଙ୍କାରେ ବାଧ୍ୟ ହୋଇ ସରକାର ବିଚାରବିଭାଗୀୟ ତଦନ୍ତ ଘୋଷଣା କଲେ । ଏ ଘୋଷଣା ଯେ ଅନିବାର୍ଯ୍ୟ ଚାପରେ ହୋଇଛି ଏବଂ ଏହା ପଛରେ ଯେ ସରକାରଙ୍କର ଆନ୍ତରିକତାର ଏକାନ୍ତ ଅଭାବ ରହିଛି, ଆଜି ତାହା କାହାକୁ ଅଛପା ନାହିଁ । ତା' ନ ହୋଇଥିଲେ ସରକାର ଏବଂ ଅଭିଯୁକ୍ତ ମନ୍ତ୍ରୀମାନେ ତଦନ୍ତ କମିଶନ ସମ୍ମୁଖରେ ସାକ୍ଷ୍ୟ ପ୍ରମାଣ ଦେବାପାଇଁ ଏମିତି କୁଣ୍ଠାବୋଧ ନାହିଁ । ତେଣୁ ମଦମୃତ୍ୟୁ ବିଭୀଷିକା, ଯାହାକୁ ଦୁଇବର୍ଷ ତଳେ ବିଜୁବାବୁ ଭୃକୁଟି ମାରି ଏଡାଇ ଦେଇଥିଲେ, ଆଜି ତା'ରି ଅଢୁଆଳରେ ରହି ଏ ନିଷ୍ପତ୍ତି ପାଇଁ ବାହା ବାହା ନେବାରେ କିଛିମାନେ ନାହିଁ । ତାହା ହେଲେ କ'ଣ ଭାବିବାକୁ ହେବ ; ଅଭିଜ୍ଞ ରାଜନୀତିଜ୍ଞ ବିଜୁବାବୁଙ୍କୁ ଗମ୍ଭୀର ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାପାଇଁ ସର୍ବନିମ୍ନ ଦୁଇ ବର୍ଷ ସମୟ ଲାଗେ ? ଆମକୁ ଅଡୁଆ ଲାଗିବାର ଦ୍ୱିତୀୟ କାରଣ ହେଲା, ଏ ନିଷ୍ପତ୍ତି ପଛରେ କେଜାଣି କାହିଁକି ସେପରି ବଳିଷ୍ଠ ରାଜନୈତିକ ଇଚ୍ଛାଶକ୍ତି ଥିଲାପରି ମନେ ହେଉନାହିଁ । ପରିସ୍ଥିତିର ଚାପରେ ପଡି ଏପରି ଏକ ନିଷ୍ପତ୍ତି "ଦି'ସଉତୁଣୀ ବିବାଦରୁ ଘରଛାଡି ବାବାଜୀ ହେଲାପରି", ମନେ ହେଉଛି । ୧୨୨ ଜଣ ବିଧାୟକଙ୍କ ସମର୍ଥନରେ ଏବଂ ଏକ ସ୍ୱୀକୃତ ବିରୋଧୀ ଦଳର ଅବର୍ତ୍ତମାନରେ ଗଠିତ ଜନତା ସରକାରଙ୍କ ଏତାଦୃଶ ଆଚରଣ ଆଦୌ ଗ୍ରହଣୀୟ ହେଉନାହିଁ । ବିଜୁବାବୁ ଯଦି ପ୍ରକୃତରେ କଟକର ମଦମୃତ୍ୟୁ ବିଭୀଷିକା ପରଠାରୁ ଏଭଳି ଏକଥା ଚିନ୍ତା କରି ଆସୁଥିଲେ ତେବେ ଗତ ସପ୍ତାହର କ୍ୟାବିନେଟ ବୈଠକ ପାଇଁ ଦେଶୀ ଓ ରନ୍ଧାମଦ ସମ୍ପର୍କିତ ନିଷ୍ପତ୍ତିର ଚିଠା ପ୍ରସ୍ତୁତ ହେଉଥିଲା କିପରି ? ତାଙ୍କର ମନ୍ତ୍ରୀମଣ୍ଡଳର ଦୁଇଜଣ ଆଦିବାସୀ ମନ୍ତ୍ରୀ ଓ ଅନ୍ୟମାନେ ଏପରି ସଉତୁଣୀ ପରି କଳି କଲେ କାହିଁକି ? ପୁଣି କ୍ୟାବିନେଟ ସବ୍-କମିଟି ଗଠନ ହେଲା କାହିଁକି ? ଶେଷରେ ବିଜୁବାବୁ ନିଷ୍ପତ୍ତି ନେଲେ କିପରି ? ଅବଶ୍ୟ କିଛି ନିଷ୍ପତ୍ତି ନ ନେବା ମଧ୍ୟ ଏକ ନିଷ୍ପତ୍ତି ବୋଲି ଆଜିକାଲି ରାଜନୀତିବିଜ୍ଞାନୀମାନେ କହିଲେଣି । କିନ୍ତୁ ଆମ ବିଚାରରେ ଏ ନିଷ୍ପତ୍ତି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଦୁର୍ବଳତାର ପରିଚାୟକ । ତାହା ହିଁ ଆମକୁ ଅଡୁଆ ଲାଗିବାର ତୃତୀୟ କାରଣ । ଏକ ଦୁର୍ବଳ ସରକାର ଏପରି ଏକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ କେତେଦୂର ସଫଳ ହେବେ ସେ ନେଇ ସ୍ୱାଭାବିକ ଭାବରେ ସନ୍ଦେହ ରହିଯାଉଛି । କଟକର ମଦମୃତ୍ୟୁ ଭଳି ବିଭୀଷିକାକୁ ଏବଂ ପ୍ରତିଦିନ ଚୋରା ମଦ ବେପାରକୁ ଏଡେଇ ପାରୁନଥିବା ସରକାରଙ୍କର ଅବକାରୀ ବିଭାଗ ଏ ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀ କରିବେ ? ଫଳ ଓଲଟା ହେବ ନାହିଁ ତ ? ସରକାର ଚାଳିଶ କୋଟି ଟଙ୍କା ରାଜସ୍ୱ ହରାଇବେ, ଅଥଚ ମୁଖ୍ୟମନ୍ତ୍ରୀ, ଅବକାରୀ ମନ୍ତ୍ରୀ, ଦଳୀୟ କର୍ମୀ ଓ ବିଭାଗୀୟ ଅଫିସରମାନଙ୍କ ଠାରୁ ଆରମ୍ଭ କରି ଅବକାରୀ କନେଷ୍ଟବଲମାନଙ୍କର 'କଚେ ପୁଅ ବାର' ହେବ ନାହିଁ ତ ? ସରକାର ଅବକାରୀ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ବ୍ୟବସ୍ଥା କରନ୍ତୁ, ଚୋରାମଦ କାରବାର ନିୟନ୍ତ୍ରଣ କରନ୍ତୁ ଏବଂ ଆମେ ଅପେକ୍ଷା କରିଛୁ ସେହି ଦିନଗୁଡିକୁ, ଯେଉଁ ଦିନମାନଙ୍କରେ ଆମ ପାଖରେ ଦେଶୀ ଓ ରନ୍ଧାମଦର ଚୋରା କାରବାର ସମ୍ପର୍କିତ ରିପୋର୍ଟମାନ ପହଞ୍ଚୁନଥିବ ।